# ଚୋରା ମଦ ଧରିବାକୁ ଅବକାରୀ ବିଭାଗର ତତ୍ପରତା ନାହିଁ

- ଗ୍ରାମବାସୀ ଧରିଲେ, ଆସିଲେନି ଅବକାରୀ ଅଧିକାରୀ
- ଖବରପାଇ ତୁରନ୍ତ ପହଞ୍ଚିଲା କିଶୋରନଗର ପୋଲିସ
- ଚୋରା ମଦ ପାଉଚ ବୋଝେଇ ପିକ୍‌ଅପ୍ ଜବତ, ଜଣେ ଗିରଫ


ଗ୍ରାମବାସୀ ଚୋରା ମଦ ଗାଡ଼ି ରୋକିବା ପରେ ଉତ୍ତେଜନା ଦେଖାଦେଇଛି।

ବଇଣ୍ଡା, ୨୮।୧ (ପରିକ୍ଷିତ ସାହୁ)

ଚୋରା ମଦ କାରବାର ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଚଢ଼ାଉ କଲାନି ଅବକାରୀ ବିଭାଗ। ଏପରି କି ୬ ହଜାର ପାଉଚ ମଦ ଚୋରା ଚାଲାଣ କରୁଥିବା ଏକ ଗାଡ଼ିକୁ ଗ୍ରାମବାସୀ ଅଟକାଇଥିଲେ ମଧ୍ୟ ଘଟଣାସ୍ଥଳକୁ ଗଲେନି ଅବକାରୀ ଅଧିକାରୀ କି କର୍ମଚାରୀ। କିନ୍ତୁ ଖବର ପାଇବା ମାତ୍ରେ ପହଞ୍ଚିଲା ପୋଲିସ। ଚୋରା ମଦ ବ୍ୟବସାୟ ରୋକିବାର ଗୁରୁ ଦାୟିତ୍ୱ ମୁଣ୍ଡାଇଥିବା ଅବକାରୀ ବିଭାଗ ନିଜ କାର୍ଯ୍ୟ ପ୍ରତି କେତେ ତତ୍ପର ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକ କଦଳୀମୁଣ୍ଡା ଗ୍ରାମବାସୀ। ଗତ ଶନିବାର ବିଭିନ୍ନ ଗ୍ରାମକୁ ଚୋରା ମଦ ଚାଲାଣ ବେଳେ ଏକ ଚୋରା ମଦ ବୋଝେଇ ପିକ୍‌ଅପ୍ ଭ୍ୟାନକୁ କଦଳୀମୁଣ୍ଡା ଗ୍ରାମବାସୀ ଅଟକ ରଖିବା ପରେ ବାଧ୍ୟ ହୋଇ କିଶୋରନଗର ପୋଲିସ ଜିମା ଦେଇଛନ୍ତି। ପୋଲିସ ଗାଡ଼ି ଜବତ କରିବା ସହ ଏଥିରେ ସମ୍ପୃକ୍ତି ଅଭିଯୋଗରେ ବଡ଼ରୋହିଲା ଗ୍ରାମର କୁଶ ସାହୁଙ୍କୁ ଗିରଫ କରିଛି। ଅବକାରୀ ବିଭାଗର ଏପରି କାର୍ଯ୍ୟକୁ ନେଇ କଦଳୀମୁଣ୍ଡା ଗ୍ରାମରେ ଉତ୍ତେଜନା ଦେଖାଯାଇଛି।

ଗ୍ରାମବାସୀ କହିଛନ୍ତି, ଘୋଷାରସ୍ଥିତ ମଦ ଭାଟିରୁ ଦୈନିକ ସହସ୍ରାଧିକ ପାଉଚ ମଦ ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓଡ଼ି୧୫ଏ–୨୫୭୭) ଯୋଗେ କିଶୋରନଗର ଓ କିଆକଟା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମକୁ ଚୋରା ଚାଲାଣ କରାଯାଉଛି। ଏସବୁ ଗ୍ରାମଗୁଡ଼ିକରେ ଥିବା କେତେକ ପାନ, ଜଳଖିଆ, ଗ୍ରୋସରି ଦୋକାନରେ ଏହି ଚୋରା ମଦ ବିକ୍ରି କରାଯାଉଛି। ଏ ନେଇ କଦଳୀମୁଣ୍ଡା ଗ୍ରାମବାସୀ ବଇଣ୍ଡା ଅବକାରୀ ବିଭାଗ ଠାରେ ଅଭିଯୋଗ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉନାହିଁ। ଉକ୍ତ ଦେଶୀ ମଦ ଭାଟିରୁ ଅବକାରୀ ବିଭାଗର କେତେଜଣ କର୍ମଚାରୀ ମୋଟା ଅଙ୍କର ଅର୍ଥ ନେଇ ଏହି ବ୍ୟବସାୟରେ ସହଯୋଗ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶନିବାର ଭାଟିର କେତେଜଣ କର୍ମଚାରୀ ୬ ହଜାର ପାଉଚ ମଦ ଉକ୍ତ ଗାଡ଼ିରେ ଚୋରା ଚାଲାଣ କରୁଥିବା ବେଳେ କଦଳୀମୁଣ୍ଡା ଗ୍ରାମବାସୀ ଉକ୍ତ ଗାଡ଼ିକୁ ଅଟକ ରଖି ଅବକାରୀ ବିଭାଗକୁ ସୂଚନା ଦେଇଥିଲେ। ହେଲେ ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ପରେ ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ କିଶୋରନଗର ଆଇଆଇସି ବିଭୂତି ପ୍ରଧାନ ପହଞ୍ଚି ଗାଡ଼ି ସହ ୬ ହଜାର ପାଉଚ ମଦ ଜବତ କରିଥିଲେ। ଏଥିସହ କୁଶଙ୍କୁ ଗିରଫ କରିଥିଲେ। ଏ ନେଇ ନଂ. ୨୨/୨୪ ରେ ଏକ ମାମଲା ରୁଜୁ କରାଯାଇଛି। ଏ ନେଇ ବଇଣ୍ଡା ଅବକାରୀ ଉପ ନିରୀକ୍ଷକ ରଞ୍ଜିତା ହରିଚନ୍ଦନଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

# ପୌରପାଳିକାର ନୂତନ ୨ ମହଲା ଦୋକାନ ଗୃହ ଉଦ୍‌ଘାଟିତ

ତାଳଚେର,୨୮।୧ (ମନୋଜ ନନ୍ଦ)

ତାଳଚେର ସହର ହାଟତୋଟା ଠାରେ ପୌରପାଳିକା ପକ୍ଷରୁ ନିର୍ମାଣ ହୋଇଥିବା ବହୁ ପ୍ରତୀକ୍ଷିତ ୨ ମହଲା ଦୋକାନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଏହି ନୂତନ ଗୃହକୁ ଉଦ୍‌ଘାଟନ କରିବା ସହ ତାଳଚେରର ବିକାଶ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ପ୍ରକାଶ କରିଥିଲେ। ନଗରପାଳ ପବିତ୍ର ଭୂତିଆ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆଗକୁ ସହରକୁ ସରସ ସୁନ୍ଦର ଭାବରେ ଗଢ଼ି ତୋଳିବା ପାଇଁ ପ୍ରୟାସ ଜାରି ରହିବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ତାଳଚେର ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, ଉପନଗରପାଳ ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ ଯୋଗଦେଇ ତାଳଚେର ପୌର ପରିଷଦ ୱାର୍ଡବାସୀଙ୍କୁ ମୌଳିକ ସେବା ଯୋଗାଇବା ସହ ବିକାଶମୂଳକ କାର୍ଯ୍ୟ କରି ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇପାରିଥିବା ପ୍ରକାଶ କରିଥିଲେ। ଦିଲ୍ଲୀ ଅଭିମୁଖେ ଯାଉଥିବାରୁ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରି ନ ଥିଲେ ବୋଲି ନଗରପାଳ ଭୂତିଆ ପ୍ରକାଶ କରିଥିଲେ। ଜିଲା କୋଷାଧ୍ୟକ୍ଷ ବାନମ୍ବର ଭୂତିଆଙ୍କ ନେତୃତ୍ୱରେ ଏକ ବିରାଟ ପଟୁଆରରେ ଅତିଥିମାନେ ଉଦ୍‌ଘାଟନସ୍ଥଳରେ ପହଞ୍ଚିଥିଲେ।


୨ ମହଲା ଦୋକାନ ଗୃହ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

# ଅଙ୍ଗପଡ଼ା କପ୍: ନାକିଚି ଚାମ୍ପିୟନ

ବଇଣ୍ଡା, ୨୮।୧ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଅଙ୍ଗପଡ଼ାଠାରେ ଆୟୋଜିତ ଅଙ୍କୁର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ହଣ୍ଡପା କ୍ରିକେଟ କ୍ଲବକୁ ହରାଇ ନାକିଚି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ନେତା ନଳିନୀ ପ୍ରଧାନ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିବା ସହ ଏହି ଅଞ୍ଚଳରେ କ୍ରୀଡ଼ାର କିଭଳି ବିକାଶ ହେବ ସେ ନେଇ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ ମହାପାତ୍ର, ଅନ୍ୟତମ ଅତିଥି ଭାବେ ଅଭିନେତ୍ରୀ ପ୍ରିୟା ଚୌଧୁରୀ, ବ୍ଲକ ଅଧ୍ୟକ୍ଷା ସୌରେନ୍ଦ୍ରୀ ପ୍ରଧାନ, ଜିଲାପରିଷଦ ସଦସ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନ, ବିଜେଡି ନେତା ସନ୍ତୋଷ ପ୍ରଧାନ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ, ସମିତିସଭ୍ୟା ଶୈଳବାଳା ପ୍ରଧାନ, ଧଡରପାଳ ସରପଞ୍ଚ କ୍ଷମାନିଧି ପ୍ରଧାନ, ଧଉରାପାଲି ସରପଞ୍ଚ ସଞ୍ଜିତ ସାହୁ, ସଞ୍ଚାମୁରା ସରପଞ୍ଚ କମଳିନୀ ପ୍ରଧାନ, ତପନ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଯୁବନେତା ହୀରାଲାଲ ସେଠୀ ଏହି ଟୁର୍ନାମେଣ୍ଟକୁ ପରିଚାଳନା କରିଥିବା ବେଳେ ବବୁଲ ସାହୁ, ସୁରେଶ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। କାହ୍ନା ସାହୁ, ଭୁବନ ନାୟକ, ମିଳନ ସାହୁ, ରୂପେଶ ପ୍ରଧାନ ସହଯୋଗ କରିଥିଲେ।




# ନାରୀ ନିର୍ଯାତନା ବନ୍ଦ, ନିଶା ସମ୍ପୂର୍ଣ୍ଣ ନିଷିଦ୍ଧ ଦାବି

## ଏଆଇଏମ୍‌ଏସ୍‌ଏସ୍‌ର ୫ମ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

ଅନୁଗୋଳ,୨୮।୧ (ଅମିତ କୁମାର ସାମଲ)




ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଏଆଇଏମ୍‌ଏସ୍‌ଏସ୍) ଓଡ଼ିଶା ରାଜ୍ୟ କମିଟି ଆନୁକୂଲ୍ୟରେ ୫ମ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଗୋଳ ଠାରେ ଅନୁଷ୍ଠିତ ହୋଇଯାଇଛି। ନାରୀ ନିର୍ଯାତନା ବନ୍ଦ, ନିଶା ସମ୍ପୂର୍ଣ୍ଣ ନିଷିଦ୍ଧ, ମୋବାଇଲ ଇଣ୍ଟରନେଟ୍ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳ–ନଗ୍ନ–ହିଂସା ପ୍ରଣୋଦିତ, ଯୌନ ଉଦ୍ଦୀପକ କାର୍ଯ୍ୟକ୍ରମ ପ୍ରସାରଣ ସମ୍ପୂର୍ଣ୍ଣ ବନ୍ଦ, ଆଶା, ଅଙ୍ଗନୱାଡ଼ି, ପାଚିକା–ସହାୟିକା, ପରିଚାରିକାମାନଙ୍କ ଦାବି ପୂରଣ, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦ ବାତିଲ, ଦରଦାମ୍ ବୃଦ୍ଧି ରୋକିବା ସହ ଅନୁଗୋଳ ମହିଳା ମହାବିଦ୍ୟାଳୟକୁ ମାଳତୀ ଚୌଧୁରୀଙ୍କ ନାମରେ ନାମିତ କରିବା ଆଦି ଦାବି ନେଇ ଏକ ଶୋଭାଯାତ୍ରା ଶିକ୍ଷକପଡାରୁ ବାହାରି ସଭାଘରଠାରେ ପହଞ୍ଚିଥିଲା। ସଙ୍ଗଠନର ରାଜ୍ୟ ସଭାନେତ୍ରୀ ବୀଣାପାଣି ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ୪ଜଣିଆ ସଭାପତି ମଣ୍ଡଳୀ ସମ୍ମିଳନୀ କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର କେନ୍ଦ୍ରୀୟ କମିଟି ସଦସ୍ୟ ତଥା ରାଜ୍ୟ ସମ୍ପାଦକ ଶଙ୍କର ଦାସଗୁପ୍ତ, ସର୍ବଭାରତୀୟ ସଭାନେତ୍ରୀ କେୟା ଦେ, ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ଯୋଗଦେଇଥିଲେ। ଏହି ସମ୍ମିଳନୀର ମୁଖ୍ୟ ଚିଠା ପ୍ରସ୍ତାବ ଆଗତ କରିଥିଲେ ସରୋଜିନୀ ନାୟକ ଓ ସାଙ୍ଗଠନିକ ରିପୋର୍ଟ ଆଗତ କରିଥିଲେ ସ୍ୱୟଂପ୍ରଭା ନାୟକ। ପରେ ପ୍ରସ୍ତାବ ଓ ରିପୋର୍ଟ ଗୃହୀତ ହୋଇଥିଲା। ଶେଷରେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଶକ୍ତିଶାଳୀ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ସଭାପତି ସ୍ୱୟଂପ୍ରଭା ନାୟକ, ସମ୍ପାଦିକା ସରୋଜିନୀ ନାୟକଙ୍କୁ ନେଇ ୧୭୧ ଜଣିଆ କମିଟି ଗଠନ କରାଯାଇଥିଲା। ଆସନ୍ତା ଜୁନ୍‌ରେ ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ଆହ୍ୱାନ ଦିଆଯାଇଥିଲା।

# ଜିଲା କଂଗ୍ରେସ ପକ୍ଷରୁ ସାଧାରଣତନ୍ତ୍ର ଦିବସ

ଅନୁଗୋଳ,୨୮।୧ (ଅମିତ କୁମାର ସାମଲ)

ଅନୁଗୋଳ କଂଗ୍ରେସ ଭବନଠାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନ ପ୍ରାୟ ୯ ଘଟିକା ସମୟରେ ଜିଲା କଂଗ୍ରେସ କମିଟିର ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଉମେଶ ଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ନାଏକ, ସହଦେବ ବେହେରା, ଦୁଷ୍ମନ୍ତ ଦଳବେହେରା, ବଳବୀର ସିଂହ, ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ, ବରିଷ୍ଠ ନେତା ବେଣୁଧର ସାହୁ, ଭଗବାନ ବେହେରା, ଆଇନ ସେଲ୍ ଅଧ୍ୟକ୍ଷ ସତ୍ୟଜିତ ସାହୁ, ଅନୁଗୋଳ ବ୍ଲକ ସଭାପତି ଅମୂଲ୍ୟ ବେହେରା, ମହିଳା କଂଗ୍ରେସ ନେତ୍ରୀ ସ୍ୱାଗତିକା ସାହୁ, ଛାତ୍ର ନେତା ପ୍ରଦ୍ୟୁମ୍ନ ସାହୁ, କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ବହୁ ଯୁବ, ଛାତ୍ର ଓ ମହିଳା କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



# 'ନୂଆ –ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କଣିହାଁ,୨୮।୧ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଜଗମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ–ଓ' କାର୍ଯ୍ୟକ୍ରମ ମାଧ୍ୟମରେ ଚାଲିଥିବା ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, ମୁଖ୍ୟ ବକ୍ତା ଭାବେ ନୂଆପଡା ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ରୋହିତ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଇନ୍ଦ୍ରମଣି ସାହୁ ଓ ଅଧ୍ୟାପକ ଭଗବାନ ସାହୁ ଯୋଗ ଦେଇଥିଲେ। ସଂଯୋଜକ ଓଡ଼ିଆ ବିଭାଗ ଅଧ୍ୟାପକ ବସନ୍ତ କୁମାର ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ନିରଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟକୁ ବିଧାୟକ ଦେଲେ ସ୍ୱତନ୍ତ୍ର କିଟ୍

ଅନୁଗୋଳ,୨୮।୧ (ଅମିତ କୁମାର ସାମଲ)

ସାଧାରଣତନ୍ତ୍ର ଦିବସ ଅବସରରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ଦ୍ୱାରା 'ସାହାଯ୍ୟ ଓ ସହଯୋଗ' ନାମରେ ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ପ୍ରତ୍ୟେକ ଦିନ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ହେଉଥିବା ବେଳେ ମୃତଦେହ ଢାଙ୍କିବାକୁ ପଲିଥିନ, ଧୋତି କିମ୍ବା କପଡ଼ା ପାଇଁ ଲୋକ ହଇରାଣ ହେଉଥିଲେ। ରାତି ଅଧିଆ ଦୋକାନୀମାନଙ୍କୁ ନେହୁରା ହୋଇ ଏ ସବୁ ଜିନିଷ କିଣୁଥିଲେ। ଏହାକୁ ଦୃଷ୍ଟିରେ ରଖି ଏବଂ ରାଜ୍ୟ ସରକାରଙ୍କ ରୋଗୀ ଓ ସମ୍ପର୍କୀୟଙ୍କ ଜିରୋ ଏକ୍ସପେଣ୍ଡିଚର ଲକ୍ଷ୍ୟ ରଖି ବିଧାୟକ ପ୍ରଧାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି କିଟ୍ ରହିବା ବ୍ୟବସ୍ଥା କରିଛନ୍ତି। ଆଗକୁ ଜିଲାର ଅନ୍ୟ ଡାକ୍ତରଖାନାକୁ ମଧ୍ୟ ଏହି କିଟ୍ ଯୋଗାଇ ଦିଆଯିବ ବୋଲି ବିଧାୟକ କହିଛନ୍ତି।



# ଏମ୍‌ସିଏଲ୍‌ରେ ସାଧାରଣତନ୍ତ୍ର ଦିବସ

ତାଳଚେର,୨୮।୧ (ମନୋଜ ନନ୍ଦ)



ତାଳଚେରସ୍ଥିତ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡର ଆନନ୍ଦ ବିହାରସ୍ଥିତ ପରେଡ୍ ଗ୍ରାଉଣ୍ଡରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ(ପର୍ସନାଲ)କେଶବ ରାଓ, ମୁଖ୍ୟ ଭିଜିଲାନ୍ସ ଅଫିସର (ସିଭିଓ) ଭି.କେ. ପଟେଲ, ନିର୍ଦ୍ଦେଶକ (ବୈଷୟିକ/ଅପରେଶନ୍)ଜେ.କେ. ବୋରା ଏବଂ ନିର୍ଦ୍ଦେଶକ (ବୈଷୟିକ/ପ୍ରକଳ୍ପ ଏବଂ ଯୋଜନା) ଏ.କେ. ବାପତ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହାପୂର୍ବରୁ ନିର୍ଦ୍ଦେଶକ(ପର୍ସନାଲ) କେଶବ ରାଓ କର୍ପୋରେଟ୍ ଅଫିସ୍ ଠାରେ ପତାକା ଉତ୍ତୋଳନ କରିଥିଲେ। ସେଣ୍ଟ ଲୁକ୍‌ସ ସ୍କୁଲ(ବୁର୍ଲା), ସେଣ୍ଟ ଜନ୍‌ସ ସ୍କୁଲ (ବୁର୍ଲା), ଡିଏଭି ପବ୍ଲିକ୍ ସ୍କୁଲ୍ (ବୁର୍ଲା), ସରକାରୀ ହାଇସ୍କୁଲ (ବୁର୍ଲା) ଏବଂ ସେଣ୍ଟ ଜୋସେଫ୍ କନଭେଣ୍ଟ ହାଇସ୍କୁଲ(ସମ୍ବଲପୁର)ର ଛାତ୍ରୀଛାତ୍ରମାନେ ଉତ୍କୃଷ୍ଟ ଦେଶଭକ୍ତି କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଜାଗୃତି ମହିଳା ମଣ୍ଡଳ ଅଧ୍ୟକ୍ଷା ସୁବର୍ଣ୍ଣା କାଓଲେ, ଅଳ୍ପନା ଶୁକ୍ଲା ରାଓ, ରଶ୍ମି ବେହୁରା ଏବଂ ଅଞ୍ଜଳି ବାପତ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅତିଥିମାନେ ମାର୍ଚ୍ଚ ପାଷ୍ଟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସୁନ୍ଦରଗଡ, ଅନୁଗୋଳ ଏବଂ ଝାରସୁଗୁଡା କୋଇଲା କ୍ଷେତ୍ର ଏବଂ ପ୍ରକଳ୍ପଗୁଡ଼ିକରେ ମଧ୍ୟ ଉତ୍ସାହର ସହିତ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା।

# ନୂଆ ପରିଚାଳନା କମିଟି ଗଠନ

ଅନୁଗୋଳ, ୨୮।୧ (ଅମିତ କୁମାର ସାମଲ)

ଅନୁଗୋଳର ଅଙ୍ଗାରବନ୍ଧ ମହିମା ଧାମରେ ଆସନ୍ତା ୨୨ ରୁ ୨୬ ରିଖ ୫ ଦିନ ବ୍ୟାପୀ ମାଘ ମେଳା ଓ ମହିମା ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ଜିଲା ପ୍ରଶାସନିକ ପ୍ରସ୍ତୁତି ବୈଠକ ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଉକ୍ତ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ଗତ ୨୭ ତାରିଖରେ ଅଙ୍ଗାରବନ୍ଧ ମହିମା ଧାମରେ ନୂତନ ପରିଚାଳନା କମିଟି ଗଠନ ହୋଇଯାଇଛି। ଏହି କମିଟିରେ ସଭାପତି ଭାବେ ବାବା ମୁରଲୀଧର ଦାସଙ୍କୁ ମନୋନୀତ କରାଯାଇଛି। ଉପ ସଭାପତି ଶିବ ସାହୁ, ସମ୍ପାଦକ ଅଲେଖ ଚନ୍ଦ୍ର ବେହେରା, ସହ ସମ୍ପାଦକ ଭ୍ରମରବର ପ୍ରଧାନ ଏବଂ କୋଷାଧ୍ୟକ୍ଷ ବିଜ୍ଞାନୀ କୁମାର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ଷୋହଳ ଘରିଆ ଭକ୍ତଙ୍କ ପରିବାରରୁ ଜଣେ ଲେଖାଏ ଭକ୍ତଙ୍କୁ ମେମ୍ବର ରୂପେ ମନୋନୀତ କରାଯାଇଛି। ଦିଲୀପ ପ୍ରଧାନ, କରୁଣାକର ସାହୁ, ସଞ୍ଜୟ ସାହୁ, ସନ୍ତୋଷ ସାହୁ, ନରେଶ ସାହୁ, ଅନାମ ସାହୁ, ନିରଞ୍ଜନ ସାହୁ, ଅକ୍ଷୟ ବେହେରା, କାର୍ତ୍ତିକ ବେହେରା, ଭଗବାନ ସାହୁ, ବିଜୟ ସାହୁ, ରତ୍ନାକର ପ୍ରଧାନ ପ୍ରମୁଖ ୧୭ ସଦସ୍ୟ ଏହି କମିଟିରେ ସ୍ଥାନ ପାଇଛନ୍ତି।

# ଶୂନ୍ୟ କାର୍ବନ ନିର୍ଗମନ ନିମନ୍ତେ ଜେଏସ୍‌ପି ପ୍ରୟାସରତ

ଅନୁଗୋଳ,୨୮।୧ (ଅମିତ କୁମାର ସାମଲ)

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ଅନୁଗୋଳସ୍ଥିତ ସର୍ବବୃହତ୍ ଷ୍ଟିଲ ପ୍ଲାଣ୍ଟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲନଗରସ୍ଥିତ ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜେଏସ୍‌ପି ଅନୁଗୋଳ ପ୍ଲାଣ୍ଟର ମୁଖ୍ୟ ପଙ୍କଜ ମଲହାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲଙ୍କ ସହ ଅନ୍ୟ ବିଭାଗୀୟ ମୁଖ୍ୟମାନେ ଯୋଗଦାନ କରିଥିଲେ। ଏହି ଅବସରରେ ମଲହାନ, ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ବାର୍ତ୍ତା ପଢ଼ି ଶୁଣାଇବା ସହିତ କମ୍ପାନୀର ନୂତନ କୀର୍ତ୍ତିମାନ ଏବଂ ଏହା କିପରି ଆତ୍ମନିର୍ଭର ଏବଂ ବିକଶିତ ଭାରତରେ ସହାୟକ ହୋଇପାରିବ ସେ ବିଷୟରେ କହିଥିଲେ। ନବୀନ ଜିନ୍ଦଲ ତାଙ୍କ ବାର୍ତ୍ତାରେ ଜେଏସ୍‌ପି ଗ୍ରୁପ୍ ସାରା ଦେଶରେ ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୁଞ୍ଜି ବିନିଯୋଗ କରି ୩ ଲକ୍ଷ ଜନତାଙ୍କ ପାଇଁ ରୋଜଗାର ସୃଷ୍ଟି କରିପାରିଛି ବୋଲି ପ୍ରକାଶ କରିଥିଲେ। ଗ୍ରୀନ ଷ୍ଟିଲ ଉତ୍ପାଦନ ଜେଏସ୍‌ପିର ମୁଖ୍ୟ ଲକ୍ଷ୍ୟ ହେବା ସହ ୨୦୪୭ ସୁଦ୍ଧା ଶୂନ୍ୟ କାର୍ବନ ନିର୍ଗମନ ନିମନ୍ତେ ପ୍ରୟାସରତ ବୋଲି ମଧ୍ୟ କହିଥିଲେ। ଏହି ଅବସରରେ ପ୍ଲାଣ୍ଟ ମୁଖ୍ୟ ମଲହାନ ବିଭିନ୍ନ କର୍ପୋରେଟର ଉପଲବ୍ଧି ଉଲ୍ଲେଖ କରିବା ସହ ଜିନ୍ଦଲ ଷ୍ଟିଲର ସିଏସ୍‌ଆର୍ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପି ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଦେଶର ଏକ ନିୟୁତ ଜନସାଧାରଣଙ୍କ ଉପରେ କିପରି ସକାରାତ୍ମକ ପ୍ରଭାବ ପକାଯାଇପାରିଛି, ସେ ବିଷୟରେ ଉଲ୍ଲେଖ କରିଥିଲେ। ଏହି ସମାରୋହରେ ଓପି ଜିନ୍ଦଲ ସ୍କୁଲ ଏବଂ ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଓପି ଜିନ୍ଦଲ ସ୍କୁଲ ଅଧ୍ୟକ୍ଷା ଡ. ସୋନାଲୀ ବସୁ, ଓପି ଜିନ୍ଦଲ ସ୍କୁଲ ଛାତ୍ରୀଛାତ୍ର ଏବଂ କିଛି ଚୟନିତ ନିରାପତ୍ତା କର୍ମଚାରୀଙ୍କୁ ମଲହାନ ସମ୍ବର୍ଦ୍ଧିତ କରିଥିଲେ। ଡ. ସୋନାଲୀ ବସୁ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିଭଳି ଶ୍ରମିକ ବିହାର, ଉତ୍କଳ–ସି କୋଲ୍‌ମାଇନ୍ସ, ବଡମହିତଲା ସ୍ଥିତ ପୁନର୍ବାସ ଏବଂ ପୁନଃ ଥଇଥାନ କଲୋନୀଠାରେ ଥିବା ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ଏବଂ ଅନୁଗୋଳସ୍ଥିତ ଓ.ପି. ଜିନ୍ଦଲ କମ୍ୟୁନିଟି କଲେଜ ଠାରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା।



# ସଞ୍ଜୀବ ସଭାପତି, ରଫିକ୍ ସମ୍ପାଦକ

## ଗଣେଶ ବଜାର ପୂଜା କମିଟି ନୂତନ କର୍ମକର୍ତ୍ତା ଚୟନ

ଢେଙ୍କାନାଳ,୨୮।୧(ରତନ ନାୟାର)

ଢେଙ୍କାନାଳର ପ୍ରମୁଖ ପୂଜା ପ୍ରତିଷ୍ଠାନ ଗଣେଶ ବଜାର ପୂଜା କମିଟିର ସାଧାରଣ ପରିଷଦ ବୈଠକ ଶୁକ୍ରବାର ମଧୁସୂଦନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବସନ୍ତ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା ଆୟବ୍ୟୟର ହିସାବ ରଖିଥିଲେ। ଏହାପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଞ୍ଜୀବ କୁମାର ବେହେରା ସଭାପତି ଓ ଏମ୍‌ଡି ରଫିକଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ସେହିପରି ଉପସଭାପତି ଭାବେ ଶରତ କୁମାର ସାହୁ, ସହ ସମ୍ପାଦକ ମାନସ ସାହୁ ଓ ଅଜୟ ସାହୁ, ଯୁଗ୍ମ ସମ୍ପାଦକ ଭାବେ କରୁଣାକର ସେଠୀ, ସମ୍ପାଦକ ବିରଞ୍ଚି ନାରାୟଣ ସେଠୀ, ଆଇନ ପରାମର୍ଶଦାତା ମନୋରଞ୍ଜନ ପଟ୍ଟନାୟକ, ସଂଯୋଜକ ସୁଶାନ୍ତ କୁମାର ନାୟକ ମନୋନୀତ ହୋଇଥିଲେ। କମିଟି ଅଧ୍ୟକ୍ଷ ଭାବେ ଶେଖ ହୁସେନ, ମୁଖ୍ୟ ଉପଦେଷ୍ଟା ଭାବେ ବସନ୍ତ କୁମାର ସାହୁ ଓ ବିଶ୍ୱନାଥ ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ସଭାପତି ଚଳିତବର୍ଷ ଲକ୍ଷ୍ମୀପୂଜାକୁ ସମସ୍ତଙ୍କ ସହଯୋଗରେ ସରସ ସୁନ୍ଦର ଓ ଆକର୍ଷଣୀୟ କରିବାକୁ କହିଥିଲେ। କମିଟିର ପୂର୍ବତନ ସମସ୍ତ ସଦସ୍ୟଙ୍କୁ ନେଇ ଆଗକୁ ବଢ଼ିବା ପାଇଁ ଉଦ୍ୟମ ଜାରି ରହିବ ବୋଲି କହିଥିଲେ। ଗଣେଶ ବଜାର ପୂଜା କମିଟି ଟ୍ରଷ୍ଟର ସଦସ୍ୟମାନେ ପୂର୍ବପରି କାର୍ଯ୍ୟ କରିବେ। ଶେଷରେ ଟ୍ରଷ୍ଟ ସମ୍ପାଦକ ଅତୁଲ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।



ଗଣେଶ ବଜାର ପୂଜା କମିଟିର ସାଧାରଣ ପରିଷଦ ବୈଠକରେ କର୍ମକର୍ତ୍ତାମାନେ।

# ମହୋତ୍ସବ ସାଂସ୍କୃତିକ ସନ୍ଧ୍ୟା ଉଦ୍‌ଘାଟିତ



କାମାକ୍ଷାନଗର ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟା ଉଦ୍‌ଘାଟନ ମଞ୍ଚରେ ଅତିଥିମାନେ।

କାମାକ୍ଷାନଗର,୨୮।୧(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ ପରିସରରେ ରବିବାର ଦ୍ୱିତୀୟ କାମାକ୍ଷାନଗର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ସାଂସ୍କୃତିକ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଲେ, କାମାକ୍ଷାନଗର ମାଟିର କଳା ନୈପୁଣ୍ୟକୁ ଉଜ୍ଜୀବିତ କରିବା ଏହି ମହୋତ୍ସବ ଏକ ମାଧ୍ୟମ। ମୁଖ୍ୟବକ୍ତା ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ଯେ କୌଣସି କାର୍ଯ୍ୟକ୍ରମ କରିବା ପାଇଁ ଇଚ୍ଛା ଶକ୍ତି ଥିବା ଦରକାର ବୋଲି କହିଥିଲେ। ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ, ଢେଙ୍କାନାଳ ବିଧାୟକ ସୁଧୀର ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ବିଡିଓ ଅବିନାଶ ପାଣ୍ଡିଆ ଧନ୍ୟବାଦ ଦେଇଥିଲେ। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଗୁରୁ ପୀତାମ୍ବର ବିଶ୍ୱାଳଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ଗଞ୍ଜାମର ପ୍ରସିଦ୍ଧ ପଶୁମୁଖା ନୃତ୍ୟ, ପୁରୀର ସିଗନେଚର ଡ୍ୟାନ୍ସ ଗ୍ରୁପ୍‌ର ଆଧୁନିକ ନୃତ୍ୟ, ବରଗଡ କଳାବୀର ଅନୁଷ୍ଠାନ ନୃତ୍ୟ ସାଙ୍ଗକୁ ଓଲିଉଡ ଗାୟିକା ଇରା ମାହାନ୍ତିଙ୍କ ସଙ୍ଗୀତ ଏବଂ ଯୋଗେଶ ଯୋଜୋଙ୍କ କମେଡିରେ ଦର୍ଶକ ଝୁମିଥିଲେ। ସ୍ଥାନୀୟ କଳାକାରଙ୍କ ନୃତ୍ୟ ବେଶ୍ ଚିତ୍ତାକର୍ଷକ ଥିଲା। ଡେପୁଟି କଲେକ୍ଟର ତୃପ୍ତିମୟୀ ପ୍ରଧାନ, ଅତିରିକ୍ତ ଜିଲାପାଳ ମଦନ ମୋହନ ଜେନା, ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଦୀପକ ମିଶ୍ର, ଅର୍ଚ୍ଚନା ଗୌଡ ପ୍ରମୁଖ ସହଯୋଗ କରିଥିଲେ।



ସଙ୍ଗୀତ ପରିବେଷଣ କରୁଛନ୍ତି ଇରା ମାହାନ୍ତି।

# ସଂସ୍କୃତି ଆଧାରିତ ଶିକ୍ଷାଦାନ ଉପରେ ଆଲୋକପାତ

ଢେଙ୍କାନାଳ,୨୮।୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦରବ୍ଲକ ବେଲଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ସତ୍ୟବ୍ରତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ପ୍ରୀତିରଞ୍ଜନ ପରିଡା ମୁଖ୍ୟ ଅତିଥି, ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ ସମ୍ମାନିତ ଅତିଥି ଓ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ ପ୍ରସାଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ମନ୍ଦିରର ସଂସ୍କାରଧର୍ମୀ କାର୍ଯ୍ୟକ୍ରମ, ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ। ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ବିବେକାନନ୍ଦ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ବେହେରା ବିବରଣୀ ପାଠ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାମନ୍ଦିରର ଆଚାର୍ଯ୍ୟା, ଆଚାର୍ଯ୍ୟ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ବେଲଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ।

# ଟାଟା ଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ସାଧାରଣତନ୍ତ୍ର ଦିବସ



ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ କରାଯାଉଛି।

ଢେଙ୍କାନାଳ,୨୮।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ହାଉସିଂ କଲୋନୀଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟାଟାଷ୍ଟିଲ ମେରାମଣ୍ଡଳୀର କର୍ମଚାରୀ, ପରିବାର ସଦସ୍ୟ ଓ ସୁରକ୍ଷା ଅଧିକାରୀମାନେ ଏକତ୍ରିତ ହୋଇଥିଲେ। ଟାଟାଷ୍ଟିଲ ମେରାମଣ୍ଡଳୀର ଚିଫ୍ ସେୟାର୍ଡ ସର୍ଭିସେସ୍ ବେଦ ପ୍ରକାଶ ଠାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କମ୍ପାନୀ ସୁରକ୍ଷା ବିଭାଗ ମୁଖ୍ୟ ଅଭିଷେକ ଶର୍ମା ଓ ସୁରକ୍ଷା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସୁରକ୍ଷା କର୍ମୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଏଥିସହିତ କର୍ମଚାରୀ ଓ ପରିବାର ସଦସ୍ୟଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ନବ ଲିମିଟେଡ ପକ୍ଷରୁ ୩୬୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଢେଙ୍କାନାଳ,୨୮।୧(ରତନ ନାୟାର)




ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନିମିଧା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ନବ ଲିମିଟେଡ କମ୍ପାନୀ ଦ୍ୱାରା ସ୍ୱେଚ୍ଛାସେବୀ ଶୋଭା ଆନୁକୂଲ୍ୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନବ ଲିମିଟେଡ ଉପସଭାପତି କମୋଡର ଜି ପ୍ରକାଶ, ସିଏସ୍‌ଆର୍ ମୁଖ୍ୟ ରାଧେଶ୍ୟାମ ସିଂ, ହେମନ୍ତ କୁମାର ପଟେଲ, ଶୋଭା ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ରଙ୍କ ସମେତ ବିଦ୍ୟାଳୟ ଓ ପଞ୍ଚାୟତ ପରିଚାଳନା କମିଟି ଏବଂ ଅନ୍ୟ ପ୍ରମୁଖ ଅଧିକାରୀମାନେ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ପଞ୍ଚାୟତର ୩୬୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ନିର୍ଦ୍ଦିଷ୍ଟ କିଡ୍‌ନୀ କ୍ରିଏଟିନ୍ ଟେଷ୍ଟର ବ୍ୟବସ୍ଥା କରାଯାଇଥିଲା। ଏଥିରେ ଆଖପାଖ ଗ୍ରାମର ୧୬ଜଣ କିଡ୍‌ନୀ ସଂକ୍ରମିତ ଲୋକଙ୍କ ପରୀକ୍ଷା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ନବ ଲିମିଟେଡ ଉପସଭାପତି ଲୋକମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝିବା ସହ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶିବିରରେ ୫୭ ଜଣଙ୍କ ରକ୍ତ ସର୍କରା, ରକ୍ତଚାପ, ହିମୋଗ୍ଲୋବିନ, ବ୍ଲଡ ଗ୍ରୁପିଂ ଓ ମ୍ୟାଲେରିଆ ଆଦିର ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ଗୋକୁଳଚନ୍ଦ୍ର ହୋତା, ଡା. ରାଜେନ୍ଦ୍ର ପ୍ରସାଦ ସାହୁ, ଡା. ଫାଲଗୁନୀ ମିଶ୍ର, ଡା. ସ୍ୱର୍ଣ୍ଣପ୍ରଭା ପ୍ରଧାନ, ଡା. କ୍ଷମାପ୍ରଭା ମହାନ୍ତି ପ୍ରମୁଖ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୫୯ଜଣ ସ୍ତ୍ରୀ ରୋଗ, ୧୨୧ ଭେଷଜ, ୩୪ ହୋମିଓପାଥିକ, ୩୭ ଭୌତିକ ଚିକିତ୍ସା, ୬ ଜଣଙ୍କ ବାକ୍ ସମସ୍ୟା ଜନିତ ରୋଗର ଚିକିତ୍ସା କରାଯାଇଥିବା ବେଳେ ୮୭ ଜଣଙ୍କ ଆଖି ପରୀକ୍ଷା କରାଯାଇ ୫୨ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ଫାର୍ମାସିଷ୍ଟ ପ୍ରିୟବ୍ରତ ତ୍ରିପାଠୀ, ଏଲ୍‌ଟି ଦେବୀ ପ୍ରସାଦ ଦାସ, ଏଏନ୍‌ଏମ୍ ସୁନିତା ଦେହୁରୀ ଓ ଫିଜିଓଥେରାପିଷ୍ଟ ଡା. ଅମିତ କୁମାର ମିଶ୍ରଙ୍କ ଦ୍ୱାରା ସେବା ପ୍ରଦାନ କରାଯାଇଥିଲା।

# ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୮।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଇନ୍ଦିପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ଶିଶୁମନ୍ଦିରରେ ସଂସ୍କାର, ସଂସ୍କୃତି ଶିକ୍ଷା ପ୍ରଦାନ କରାଯାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ମଧ୍ୟସମ୍ଭାଗ ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି ଯୋଗଦେଇ ଭାରତୀୟ ମୂଳଶିକ୍ଷା ନୀତି ଉପରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦଣ୍ଡାୟମାନ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ରାଜକିଶୋର ରାଉତ, ଇନ୍ଦିପୁର ସରପଞ୍ଚ ଲଳିତା ସାହୁ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଇନ୍ଦିପୁର ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ।

# ମିଡିଆ ସର୍ଭିସ୍ ସେଣ୍ଟରରେ ମନ କୀ ବାତ୍ କାର୍ଯ୍ୟକ୍ରମ

ଢେଙ୍କାନାଳ,୨୮।୧(ରତନ ନାୟାର)

ଢେଙ୍କାନାଳ ସହର ଗଣେଶ ବଜାର ମିଶନ ରିକନଷ୍ଟ୍ରକଶନର ବେସିକ୍ ଇନଫର୍ମେଶନ ୟୁନିଟ୍‌ରେ ମିଡିଆ ସର୍ଭିସ ସେଣ୍ଟରଠାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ କୀ ବାତ୍‌ର ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାମମନ୍ଦିର ପ୍ରତିଷ୍ଠା, ଦେଶ ଗଠନରେ ନାରୀମାନଙ୍କ ଭୂମିକା, ନାରୀଶକ୍ତି, ଦେଶର ବିଭିନ୍ନ କୋଣରେ ପ୍ରତିଭାବାନ ବ୍ୟକ୍ତିଙ୍କ ପ୍ରଶଂସା କରିବା, ପଦ୍ମ ପୁରସ୍କାର ସଂଜ୍ଞା ପରିବର୍ତ୍ତନ କରିବା, ଗଣତନ୍ତ୍ରରେ ନାଗରିକମାନଙ୍କ ସହଭାଗିତା, ଗଣତନ୍ତ୍ରକୁ ମଜଭୁତ କରିବା ଆଦି ବିଷୟରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥାପନାକୁ ବିଭିନ୍ନ ଶ୍ରେଣୀର ଲୋକମାନେ ଏଲ୍‌ଇଡି ସ୍କ୍ରିନ ମାଧ୍ୟମରେ ଦେଖିଥିଲେ। ଏହି କାର୍ଯ୍ୟକ୍ରମକୁ ପୌରାଧକ୍ଷା ଜୟନ୍ତୀ ପାତ୍ର, ଜିଲା ରେଡକ୍ରସ ଉପସଭାପତି ବିରଞ୍ଚି ନାରାୟଣ ପାଣି, ପୂର୍ବତନ ପୌରାଧକ୍ଷ ସୁନୀଲ ଶର୍ମା, ବରିଷ୍ଠ କୃଷକ ନେତା ରାମଚନ୍ଦ୍ର ପାତ୍ର, ରୋଟ୍ରାକ୍ଟ କ୍ଲବ ଢେଙ୍କାନାଳ ଚାର୍ଟର ସଭାପତି ଅଭିନାଶ ସାହୁ, ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର, ବରିଷ୍ଠ ଭାଜପା ନେତା ଦୀପକ ପ୍ରସାଦ ପଟ୍ଟନାୟକ ଓ ରମେଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳବାସୀ, ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷାବିତ୍ ପ୍ରମୁଖ ଉପସ୍ଥିତ ଥିଲେ।




ମନ କୀ ବାତ୍ କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବର୍ଗ ଓ ଅନ୍ୟମାନେ।

# ବିଦ୍ୟୁତ୍ କର୍ମଚାରୀ ମହାସଂଘ ବୈଠକ

ଢେଙ୍କାନାଳ,୨୮।୧(ରତନ ନାୟାର)

ଢେଙ୍କାନାଳ ବିଦ୍ୟୁତ୍ ମହାସଂଘ ସଭାଗୃହରେ ବାର୍ଷିକ ଅଧିବେଶନ ଉପସଭାପତି ମଳୟ କୁମାର ନନ୍ଦଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଅମର କୁମାର ପ୍ରତାପସିଂ, ସର୍କଲ୍ ସମ୍ପାଦକ ପ୍ରାଣବନ୍ଧୁ ମହାନ୍ତି, ଅନୁଗୋଳ ସମ୍ପାଦକ ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଟାଟା ପାୱାର କମ୍ପାନୀର କର୍ମଚାରୀଙ୍କ ଉପରେ ଜୁଲମକୁ ନେଇ ଆଲୋଚନା କରାଯାଇ ଏକାଠି ହୋଇ ଏହାକୁ କିପରି ପ୍ରତିହତ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ବିଦ୍ୟୁତ୍ ଗ୍ରାହକମାନେ କିପରି ୨୪ ଘଣ୍ଟିଆ ସେବା ପାଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ସଭାରେ ୧୨୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଉପସ୍ଥିତ ଥିଲେ। ଢେଙ୍କାନାଳ ଡିଭିଜନ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।




ବିଦ୍ୟୁତ୍ କର୍ମଚାରୀ ମହାସଂଘର ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ସଚେତନତା ପାଇଁ ମିନି ମାରାଥନ

ଢେଙ୍କାନାଳ,୨୮।୧(ରତନ ନାୟାର)

ଶିକ୍ଷା ସମସ୍ତଙ୍କ ପାଇଁ ବାର୍ତ୍ତାକୁ ନେଇ କିଟ୍ ଓ କିସ୍ ପକ୍ଷରୁ ସଚେତନତା ସୃଷ୍ଟି ନିମନ୍ତେ ଏକ ମିନି ମାରାଥନ ରବିବାର ଢେଙ୍କାନାଳ ସହରସ୍ଥିତ ବାଜିଚୌକ ଶହୀଦ ବାଜି ରାଉତ ସ୍ମୃତିସ୍ତମ୍ଭଠାରୁ ଶୁଭାରମ୍ଭ ହୋଇଥିଲା। ଏହି ମାରାଥନ ସହର ପରିକ୍ରମା କରି ମିନି ଷ୍ଟାଡିୟମଠାରେ ପହଞ୍ଚିଥିଲା। ମରାଥନରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, କ୍ରୀଡାବିତ୍, ଯୁବ ସଙ୍ଗଠନର ସଦସ୍ୟଙ୍କ ସମେତ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ସାମିଲ ହୋଇଥିଲେ। ଏହାପରେ ମିନି ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଶିକ୍ଷାବିତ୍ ଡ. ସମୀର କୁମାର ସାହୁ, ଡ. ପୁଷ୍ପଲତା ରଥ, ଡ. ଦେବୀ ପ୍ରସାଦ ମିଶ୍ର, ସେଣ୍ଟ ଜାଭିୟର୍ସ ସ୍କୁଲର ପ୍ରିନ୍ସିପାଲ ପ୍ରତାପଚନ୍ଦ୍ର ପାଣିଗ୍ରାହୀ, ଲୋକକଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର, ନାଟ୍ୟକାର ପରେଶ ଚନ୍ଦ୍ର ପଟ୍ଟନାୟକ, ଶତ୍ରୁଘ୍ନ ମାଟି ଓ ଦୀନେଶ ଦାସ ପ୍ରମୁଖ ଯୋଗ ଦେଇ କିଟ୍, କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତଙ୍କ ଏଭଳି କାର୍ଯ୍ୟକ୍ରମ ପ୍ରେରଣାଦାୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମାରାଥନରେ ସାମିଲ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଥୟ କୁମାର ସାହୁ ପରିଚାଳନା କରିଥିଲେ।




ସଚେତନତା ପାଇଁ ମିନି ମାରାଥନ ଅବସରରେ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# 'ସ୍ମୃତିରେ ସ୍ମୃତିରେ ମନୋରଞ୍ଜନ' କାର୍ଯ୍ୟକ୍ରମ

ଢେଙ୍କାନାଳ,୨୮।୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବିରାଡିଆ ଗ୍ରାମସ୍ଥିତ ଏକ ବଗିଚାରେ ବିଶିଷ୍ଟ କବି, ସଙ୍ଗଠକ, ପଣ୍ଡିତ ମନୋରଞ୍ଜନ ନନ୍ଦଙ୍କ ପ୍ରଥମ ବାର୍ଷିକ ଉପଲକ୍ଷେ ରାଜ୍ୟସ୍ତରୀୟ ସ୍ମୃତିରେ ସ୍ମୃତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଆୟୋଜିତ କାର୍ଯ୍ୟକ୍ରମରେ ରେଣୁବାଳା ସ୍ମୃତି ସଂସଦର ସଭାପତି ସଂଯୁକ୍ତା ମିଶ୍ର ସଭାପତିତ୍ୱ କରିଥିଲେ। କବି ଜିତେନ୍ଦ୍ର କୁମାର ବେହେରାଙ୍କ ସଂଯୋଜନାରେ ଶତାଧିକ କବି କବିତା ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ.ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ, କାନନବାଳା ପଟ୍ଟନାୟକ, ରାଜୀବ କୁମାର ଷଡଙ୍ଗୀ, ଶେଖ ଅବଦୁଲ ଖାଲିବ୍, ସ୍ୱାତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ଗୀତାଞ୍ଜଳି ମହାନ୍ତି, ରତ୍ନପ୍ରଭା ବାଇ, ବିଭୂତି ଭୂଷଣ ସ୍ୱାଇଁ, ନିର୍ମଳ ମିଶ୍ର, ସ୍ନେହଲତା ଦାସ ଲେଙ୍କା, ରମାକାନ୍ତ ବେହେରା, ଦୀପ୍ତିରଞ୍ଜନ ଦାସ, ବନବିହାରୀ ନନ୍ଦ ପ୍ରମୁଖଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକଙ୍କ ପରିଚାଳନାରେ ବିଶିଷ୍ଟ କବି ଡ. ସୁଚେତା ରାଉତଙ୍କ ସଭାପତିତ୍ୱରେ ବିଭାବନା ସାହିତ୍ୟ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା 'ସ୍ମୃତିରେ ସ୍ମୃତିରେ ମନୋରଞ୍ଜନ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ନାଟ୍ୟଶିଳ୍ପୀ ଚଳଚ୍ଚିତ୍ର ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସଙ୍କୁ ଓଡ଼ିଶା ଗୌରବ ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ସତ୍ୟ ପ୍ରକାଶ ଶରଣ, ଉମାକାନ୍ତ ପଟ୍ଟନାୟକ, ଗୌରଚନ୍ଦ୍ର ମହାପାତ୍ର, ତୃପ୍ତି ପଣ୍ଡା, ବିଭୂତି ଭୂଷଣ ସାହୁ, ବସନ୍ତ କୁମାର ରଥ, କୈଳାସ ଚନ୍ଦ୍ର ଧଳ, କନ୍ଦର୍ପ ବେହେରା ଓ ପ୍ରସନ୍ନ ପଣ୍ଡା, ସ୍ନେହାଶ୍ରୀ ମହାପାତ୍ର ଓ ବଲାଙ୍ଗିରର ତହୁଙ୍କ କୁଟୁମ୍ବ ପରିବାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ ମିଶ୍ର, ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଦିଲିଶ୍ୱର ମହାରଣା, ସନ୍ତୋଷ କୁମାର ଶତପଥୀ, ରବୀନ୍ଦ୍ର ନାଥ ମିଶ୍ର, ପ୍ରଦ୍ୟୁମ୍ନ କୁମାର ରଥ, ପ୍ରଭାତ କୁମାର ମଲ୍ଲିକ ଯୋଗଦେଇ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ସଭାପତି ଶୁଭ୍ରା ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ରାଜ୍ୟ ସହ ସମ୍ପାଦିକା ପ୍ରଭାତି ଜେନା, ମନିଷା ନନ୍ଦ, ପ୍ରିୟଦର୍ଶିନୀ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିପୂର୍ବରୁ କବିଙ୍କ ପୁତ୍ର ରାଜ୍ୟ ସମ୍ପାଦକ ମାନସ କୁମାର ନନ୍ଦ ରାଜ୍ୟର ଅନ୍ୟ ୧୨ଟି ଜିଲାରେ ବାର୍ଷିକ ସ୍ମୃତିସଭା ସହ ସ୍ମୃତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ବୋଲି ସୂଚନା ଦେଇଥିଲେ।




'ସ୍ମୃତିରେ ସ୍ମୃତିରେ ମନୋରଞ୍ଜନ' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# କଠିନ ପରିଶ୍ରମ କଲେ ସଫଳତାର ଶୀର୍ଷରେ ପହଞ୍ଚିବ

ବଇଣ୍ଡା,୨୮।୧(ପରିକ୍ଷିତ ସାହୁ)

ଜୀବନରେ ବଡ଼ ମଣିଷ ହେବାକୁ ହେଲେ ଛାତ୍ର ଜୀବନ ସମୟରେ କଠିନ ପରିଶ୍ରମ କରିବାକୁ ପଡ଼ିବ। ହାଇସ୍କୁଲ କ୍ଷେତ୍ରରୁ କ୍ୟାରିଅର ଆରମ୍ଭ ହୋଇଥାଏ। ତେଣୁ ସମସ୍ତ ଛାତ୍ରୀଛାତ୍ର କଠିନ ପରିଶ୍ରମ କଲେ ସଫଳତା ଶୀର୍ଷରେ ପହଞ୍ଚିବେ ବୋଲି କିଶୋରନଗର ବ୍ଲକ ହଣ୍ଡପା ଥାନା ଫୁଲମ୍ବା ହାଇସ୍କୁଲର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟାପକ ଅଞ୍ଜନ ପ୍ରଧାନ, ଅନ୍ୟତମ ଅତିଥି ଠେଲକନାଳି ସରପଞ୍ଚ ଅମିତ ସାହୁ ଯୋଗ ଦେଇଥିଲେ। ଶିକ୍ଷକ ସୁବଳ ବୁଢ଼ିଆ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଞ୍ଜନା ସାହୁ, ସୌଭାଗିନୀ ବେହେରା, ଶୁଭଶ୍ରୀ ସାମଲ, ପ୍ରଦୀପ ମାଝି, ଶିବରାମ ସାହୁ, ନିହାର ରଞ୍ଜନ ଦେଓ, ଘାସିନାଥ ସେଠୀ, ସତ୍ୟଜିତ ସାହୁ, ଧରଣିଧର ସେଠୀ ସହଯୋଗ କରିଥିଲେ।



# ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଓଡ଼ିଆ ଭାଷା



ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ ଉଦ୍‌ଯାପନୀ ଅବସରରେ ଅତିଥିମାନେ।

ଢେଙ୍କାନାଳ,୨୮।୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ଓ ପ୍ରସାରର ଉଦ୍‌ଯାପନୀ ଉତ୍ସବ ଅଧ୍ୟକ୍ଷ ପ୍ରଭାତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ଯୋଗଦାନ କରି ଓଡ଼ିଆ ଭାଷା କିପରି ଆଜି ନିଜର ଏକ ସ୍ୱତନ୍ତ୍ର ପରିଚୟ ସର୍ବଭାରତୀୟ ସ୍ତରରେ ସୃଷ୍ଟି କରିପାରିଛି ସେ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ଜଗନ୍ନାଥ ସଂସ୍କୃତିର ଗବେଷକ ପଣ୍ଡିତ ରବିନାରାୟଣ ହୋତା ଯୋଗଦାନ କରି ଜଗନ୍ନାଥ ସଂସ୍କୃତି ହେଉଛି ଓଡିଶାର ସଂସ୍କୃତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ ଓ ସରପଞ୍ଚ ଅରୁଣ ପରିଡ଼ା ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ କଣ୍ଠଶିଳ୍ପୀ ଅକ୍ଷୟ ନାୟକ ଯୋଗଦାନ କରି ଭଜନରେ ପରିବେଶକୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଅଧ୍ୟାପିକା ମମତା ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗୁରୁଚରଣ ନାୟକ ସଭା ସଞ୍ଚାଳନ କରିଥିଲେ। କ୍ରୀଡ଼ା ଶିକ୍ଷକ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଅଧ୍ୟାପକ ସୁବ୍ରତ କୁମାର ଇନ୍ଦ୍ରଜିତ ସିଂ, ଅଧ୍ୟାପିକା କସ୍ତୁରୀ ଜେଷ୍ଟି, ଗ୍ରନ୍ଥାଗାରିକ କୃଷ୍ଣଚନ୍ଦ୍ର ମିଶ୍ର ଓ କର୍ମଚାରୀ ଯୁଗଳ କିଶୋର ରାଉତ ଓ ସନ୍ତୋଷ କୁମାର ବେହେରା ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନେ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟ ନିର୍ବାହୀ ଦିଲିପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

କାମାକ୍ଷାନଗର,୨୮।୧ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ସାରଙ୍ଗଧର ଷ୍ଟାଡିୟମ ଠାରେ ଦ୍ୱିତୀୟ କାମାକ୍ଷାନଗର ମହୋତ୍ସବ ଅବସରରେ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପଲ୍ଲିଶ୍ରୀ ମେଳା, ଦୋଳିମେଳା, ଫୁଡ କୋର୍ଟ ବୁଲି ଦେଖିବା ସହ ବିଭିନ୍ନ ଖାଦ୍ୟର ମଜା ନେଇଥିଲେ। ଏହି ମେଳାରେ ରାଜ୍ୟର ବିଭିନ୍ନ ଜିଲାରୁ ହସ୍ତଶିଳ୍ପ, ସମ୍ବଲପୁରୀ ଶାଢ଼ି, ମାଟିର ସୁନ୍ଦର ଘରକରଣା ସାମଗ୍ରୀ ଆଦି ପଡିଥିଲା ବେଳେ ବହୁ ସଂଖ୍ୟାରେ ଜନସାଧାରଣ ଏହି ମେଳା ବୁଲି ଆନନ୍ଦ ନେବା ପାଇଁ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ନଗରପାଳ ଧର୍ମାନନ୍ଦ ମଲ୍ଲିକ, ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ଅଭିନାଶ ପାଣ୍ଡିଆ, ସହକାରୀ ଜିଲାପାଳ ମଦନମୋହନ ଜେନା, ଦୀପକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ପଲ୍ଲିଶ୍ରୀ ମେଳାକୁ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

# ଓଡ଼ାପଡ଼ାରେ କଂଗ୍ରେସର ମିଶ୍ରଣ ପର୍ବ

ଓଡ଼ାପଡ଼ା,୨୮।୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଜୀବନଖୋଲ ମନ୍ଦିର ପ୍ରାଙ୍ଗଣରେ ଜାତୀୟ କଂଗ୍ରେସର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ଢେଙ୍କାନାଳ ଜିଲା ସଭାପତି ସରୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ବ୍ଲକ ସଭାପତି ଛବିରାଜ ବିଶ୍ୱାଳ, ଓଡ଼ାପଡ଼ା ବ୍ଲକ ସଭାପତି ପ୍ରମୋଦ କୁମାର ନାୟକ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାଶ, ତ୍ରିନାଥ ନାଏକ, ଚନ୍ଦ୍ରମଣି ନାଥ, ପ୍ରମୋଦ କୁମାର ମହାପାତ୍ର, ପ୍ରେମଶଙ୍କର ମିଶ୍ର, ଘନଶ୍ୟାମ ନାୟକଙ୍କ ଉପସ୍ଥିତିରେ ବିଜୁ ଜନତା ଦଳର ଅନୁସୂଚିତ ଜନଜାତି ସଭାପତି କୈଳାସ ଚନ୍ଦ୍ର ନାଏକ ସମର୍ଥକମାନଙ୍କୁ ନେଇ ଜାତୀୟ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ଏହି ଅବସରରେ ନାଏକ କହିଥିଲେ, ସେ କଂଗ୍ରେସ ଦଳରେ ଦୀର୍ଘଦିନ ରହି କାର୍ଯ୍ୟ କରିବା ପରେ ଅସନ୍ତୁଷ୍ଟ ହୋଇ ଦଳ ଛାଡି ବିଜେଡିରେ ଯୋଗଦେଇଥିଲେ। ପୁନର୍ବାର ପୁରୁଣା ଦଳକୁ ଫେରିଛି। ଦଳୀୟ ସଙ୍ଗଠନକୁ ମଜଭୁତ କରି ଆଗେଇ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।


କଂଗ୍ରେସର ମିଶ୍ରଣ ପର୍ବରେ ଉପସ୍ଥିତ ନେତୃବୃନ୍ଦ ଓ କର୍ମୀ।

# ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଘରୁ ଚୋରି, ମହିଳା ଗିରଫ

ଢେଙ୍କାନାଳ,୨୮।୧(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠସ୍ଥିତ ଶ୍ୟାମାଚରଣପୁର ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମନୋରମା ମହାରଣାଙ୍କ ଘରୁ ସୁନାରୁପା ଅଳଙ୍କାର ଚୋରି କରିବା ଅଭିଯୋଗରେ ଶନିବାର ତାଙ୍କ ଘରେ କାମ କରୁଥିବା ମହିଳାଙ୍କୁ ପୋଲିସ ଗିରଫ କରିଛି। ମନୋରମା ଓ ତାଙ୍କ ସ୍ୱାମୀ ବରିଷ୍ଠ ନାଗରିକ ହୋଇଥିବାରୁ ଲୁଚାଛପାରେ ମହିଳା ଜଣକ ଚୋରି କରିଚାଲିଥିଲେ। କୌଣସି ସୂତ୍ରରୁ ଖବର ପାଇବା ପରେ ଟାଉନ ଥାନା ପୋଲିସ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମହିଳା ଜଣକ ମନୋରମାଙ୍କ ଘରୁ ସୁନା ଚେନ, ମୁଦି, ନଗଦ ୮୦ ହଜାର ଟଙ୍କା ଚୋରାଇ ନେଇଥିଲେ। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ-୭୭।୨୪ରେ ଏକ ମାମଲା ରୁଜୁ କରାଯାଇଛି।

# ଜୁବୁଲିଟାଉନ-୧ ପୂଜା ପ୍ରତିଷ୍ଠାନ ପୁରସ୍କୃତ


ପୂଜା ପ୍ରତିଷ୍ଠାନକୁ ପୁରସ୍କାର ପ୍ରଦାନ କରାଯାଉଛି।

ଢେଙ୍କାନାଳ,୨୮।୧(ରତନ ନାୟାର)

## ଲକ୍ଷ୍ମୀପୂଜାରେ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା

୨୦୨୩ରେ ଢେଙ୍କାନାଳରେ ଅନୁଷ୍ଠିତ ପ୍ରସିଦ୍ଧ ଲକ୍ଷ୍ମୀପୂଜା ମହୋତ୍ସବରେ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ପାଇଁ ଏକ ଝାଙ୍କି ପ୍ରସ୍ତୁତ କରିଥିବା ଜୁବୁଲି ଟାଉନ-୧ ପୂଜା ପ୍ରତିଷ୍ଠାନକୁ ସାଧାରଣତନ୍ତ୍ର ଦିବସ ଅବସରରେ ଜିଲା ବନଖଣ୍ଡ କାର୍ଯ୍ୟାଳୟଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। ଜୁବୁଲିଟାଉନ-୧ ପୂଜା ପ୍ରତିଷ୍ଠାନ ପକ୍ଷରୁ ହାତୀମାନଙ୍କ ସୁରକ୍ଷା ଉପରେ ପାର୍ଶ୍ୱମୂର୍ତ୍ତି ନିର୍ମାଣ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ସେହି ସମୟରେ ଏହି କାର୍ଯ୍ୟକ୍ରମକୁ ତତ୍କାଳୀନ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଓ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର ଉଦ୍‌ଘାଟନ କରିବା ସହିତ ଏଭଳି ଅଭିନବ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହାକୁ ନଜରରେ ରଖି ୭୫ତମ ସାଧାରଣତନ୍ତ୍ର ଦିବସ ଅବସରରେ ଜିଲା ବନବିଭାଗ ପକ୍ଷରୁ ଜୁବୁଲି ଟାଉନ-୧ ପୂଜା ପ୍ରତିଷ୍ଠାନ ସଭାପତି ଅମ୍ବିକା ପଟ୍ଟନାୟକ, ସମ୍ପାଦକ ବିନୋଦ ମହାନ୍ତି ପ୍ରମୁଖଙ୍କୁ ଜିଲା ବନଖଣ୍ଡ ଅଧିକାରୀ ପ୍ରଶଂସାପତ୍ର ପ୍ରଦାନ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ।

# ପଥର ବୋଝେଇ ଟ୍ରକ୍ ଜବତ

ଭୁବନ,୨୮।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବନ ବିଭାଗ ପକ୍ଷରୁ ରବିବାର ଚଢ଼ାଉ କରାଯାଇ ଏକ ବେଆଇନ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍‌କୁ ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବରପାଇ ଭୁବନ ରେଞ୍ଜର ରାକେଶ କୁମାର ଦଳେଇ ଓ ଫରେଷ୍ଟର କଳ୍ପନା ବେହେରା ଏବଂ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଏହି ଅଞ୍ଚଳ ଦେଇ ନିକଟସ୍ଥ ଗଦିଆ ବନାଞ୍ଚଳରୁ ଚୋରା ପଥର ଚାଲାଣ ହେଉଥିଲେ ମଧ୍ୟ ପୋଲିସ, ବନ ବିଭାଗ ନିଘୋଡ଼ ନିଦରେ ଶୋଇଥିବା ଅଭିଯୋଗ ହେଉଛି। ଢେଙ୍କାନାଳ ବନ ବିଭାଗ ଅଧିକାରୀଙ୍କ ନେତୃତ୍ୱରେ ପ୍ରଥମ ଥର ପାଇଁ ଏପରି ବେଆଇନ ଟ୍ରକ୍‌କୁ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଆଗାମୀ ଦିନରେ ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ରେଞ୍ଜର କହିଛନ୍ତି। ଷଡ଼ଙ୍ଗୀ ଅଞ୍ଚଳରୁ ଆସୁଥିବା ବେଆଇନ ମାଙ୍କଡ଼ା ପଥର ଟ୍ରକ, ଟିପ୍ପର ଓ ଟ୍ରାକ୍ଟରଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନଜର ରଖିବା ପାଇଁ କୁହାଯାଇଥିବା ରେଞ୍ଜର ପ୍ରକାଶ କରିଛନ୍ତି।

# ଗାଡ଼ି ଧକ୍କାରେ ଭାଲୁ ମୃତ

ଭୁବନ,୨୮।୧( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ନିକଟସ୍ଥ ଜାତୀୟ ରାଜପଥ ୫୩ ଉପରେ ଶନିବାର ମଧ୍ୟରାତିରେ ଅଜଣା ଗାଡ଼ି ଧକ୍କାରେ ଏକ ଭାଲୁର ମୃତ୍ୟୁ ହୋଇଛି। ଭାଲୁଟି ନିକଟସ୍ଥ ଭାରତୀ ପାହାଡ଼ରୁ ଆସି ଜାତୀୟ ରାଜପଥ ପାର ହେଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଖବରପାଇ ଭୁବନ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭାଲୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପୋତି ଦେଇଥିଲେ।

# ଭାଷା ସାହିତ୍ୟ ଏବଂ ସୃଜନଶୀଳତା ଉତ୍ସବ



ବାଇସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

କାମାକ୍ଷାନଗର,୨୮।୧(ଅମ୍‌ଜାଦ୍ ଖାନ୍)

କାମାକ୍ଷାନଗର ବ୍ଲକ ବାଇସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭାଷା ସାହିତ୍ୟ ଏବଂ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଆୟୋଜିତ ସଭାରେ ପୁରାତନ ଛାତ୍ର ସଂସଦ ସମ୍ପାଦକ ଡ. ଶ୍ରୀବତ୍ସ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ. ପ୍ରଫୁଲ୍ଲ ପାଣି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମାୟାଧର ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ମଠକରଗୋଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ଯୋଗଗୁରୁ ଶଙ୍କର୍ଷଣ ପଣ୍ଡା ଏବଂ ଶିକ୍ଷାବିତ୍ ପ୍ରାଣବନ୍ଧୁ ମହାରଣା ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା ଅତିଥି ପରିଚୟ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟାଲକ୍ଷ୍ମୀ ସାହୁ, ଲକ୍ଷ୍ମୀ ବେହେରା, ପ୍ରଜ୍ଞା ଦଳନାୟକ, କାଦମ୍ବିନୀ ନାୟକ, ପ୍ରଭାତୀ ମାହନ୍ତ, ମମତା ସାହୁ, ଶିକ୍ଷକ ଯୁଧିଷ୍ଠିର ବିଶ୍ୱାଳ, ସୁନୀଲ ନାୟକ, ସୁଧାଂଶୁ ପ୍ରଧାନ ଏବଂ କର୍ମଚାରୀ ନିବାରଣ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଯମୁନା ସାହୁ ଧନ୍ୟବାଦ ଦେଇଥିଲେ।

# ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା

ରାସୋଳ,୨୮।୧(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ସବ୍‌ଡିଭିଜନ କଲିଙ୍ଗା ପଞ୍ଚାୟତସ୍ଥିତ ରାମ ମନ୍ଦିର ପରିସରରେ ନବନିର୍ମିତ ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଭାବେ ପଣ୍ଡିତ ଶ୍ରୀନିବାସ ମିଶ୍ର, ସତ୍ୟନାରାୟଣ ମିଶ୍ର, ପିନୁ ଦାସ, ପ୍ରଭାତ ମିଶ୍ର, ବିଭୂତି ଭୂଷଣ ପାଳ, ବାସୁଦେବ ପଣ୍ଡା ଓ ପଣ୍ଡିତ ପତିତପାବନ ମିଶ୍ର ଯୋଗଦେଇ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ପ୍ରଭାକର ପାଳ, ଭାରତୀ ପାଳ, ମନୋଜ କୁମାର ସର, ପଦ୍ମାଳୟା ଦାଶ, ମନୋଜ କୁମାର ପାଳ, ପିଙ୍କି ପାଳ, ବିଳାସ ଚନ୍ଦ୍ର ପଣ୍ଡା, ରେବତୀ ପଣ୍ଡା, କୁନା ବେହେରା, ସବିତା ବେହେରା କାର୍ଯ୍ୟ ତୁଲାଇଥିଲେ। ସିଏମ୍‌ଏସ୍‌ଏଫ୍, ଆମ ଓଡ଼ିଶା ନବୀନ ଓଡ଼ିଶା ଅନୁଦାନ ତଥା ଅନୁଷ୍ଠାନ ଅନୁଦାନରେ ମନ୍ଦିର ସମ୍ପୂର୍ଣ୍ଣ ହୋଇଥିବା କର୍ମକର୍ତ୍ତାଙ୍କ ଠାରୁ ପ୍ରକାଶ। ସୁଧୀର କୁମାର ମିଶ୍ର, ସଭାପତି ରାମଚନ୍ଦ୍ର ମିଶ୍ର, ସମ୍ପାଦକ ପବିତ୍ର ମୋହନ ପାଳଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିବା ବେଳେ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।



# ଢେଙ୍କାନାଳକୁ ହରାଇ ଭୁବନେଶ୍ୱର ଚାମ୍ପିୟନ

ଢେଙ୍କାନାଳ,୨୮।୧(ରତନ ନାୟାର)

## ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ ନିକଟ ଇନଡୋର ହଲ୍‌ଠାରେ ଢେଙ୍କାନାଳ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୪ର୍ଥ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ଉପନଗରପାଳ ପ୍ରକାଶ କୁଅଁର, ଆଇନଜୀବୀ ଶିବସାଇ ମହାପାତ୍ର, ଉଦ୍ୟୋଗୀ ସୁଶାନ୍ତ କୁମାର ସାହୁ, ୱାର୍ଡ ନଂ-୨ର କାଉନସିଲର ଦୀପ୍ତିରଞ୍ଜନ ସେଠୀ ଓ ଉଦ୍ୟୋଗୀ ସାରଦା ହୋତା ପ୍ରମୁଖ ଯୋଗ ଦେଇଥିଲେ। କୃତିତ୍ୱ ହାସଲ କରିଥିବା ଖେଳାଳିମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସଭାପତି ଦୀପକ ଦଳେଇ, କାର୍ଯ୍ୟକାରୀ ସଭାପତି ଅମିତ୍ ଶତପଥୀ, ସମ୍ପାଦକ ଆଡଭୋକେଟ୍ ଟଙ୍କଧର ବେହେରା, ସହ ସମ୍ପାଦକ ପ୍ରଦୀପ ମିଶ୍ର, କୋଷାଧ୍ୟକ୍ଷ ରଶ୍ମି ପ୍ରକାଶ ପଟ୍ଟନାୟକ, ପ୍ରମୋଦ ସିଂ, ସୂର୍ଯ୍ୟକାନ୍ତ ମହାପାତ୍ର, ଶୁଭ୍ରାଂଶୁ ଦଳେଇ, ଧର୍ମେନ୍ଦ୍ର ମହାପାତ୍ର ଏବଂ ମୁକେଶ କୁମାର ସିଂ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ୪୮ଟି ଦଳ ଯୋଗ ଦେଇଥିଲେ। ଭୁବନେଶ୍ୱର ଦଳ ଚାମ୍ପିୟନ ହେବା ସହ ଢେଙ୍କାନାଳ ତରଫରୁ ଖେଳୁଥିବା ତାରିଣୀ ପ୍ରସାଦ ମାଝି ଓ ସାଥୀ ରନର୍ସଅପ୍ ହୋଇଥିଲେ।



# ଜଗନ୍ନାଥ ସଂସ୍କୃତି ବିଶ୍ୱ ଦରବାରରେ ପରିଚିତ

ଢେଙ୍କାନାଳ,୨୮।୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ କଲେଜ ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ନୂଆ-ଓ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଭଗବାନ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଗଁଦିଆ ଥିଙ୍କର୍ସ ଫୋରମ ସଭାପତି ସୁବ୍ରତ କୁମାର ସାହୁ ଯୋଗଦେଇ ଜଗନ୍ନାଥ ସଂସ୍କୃତି କେବଳ ଓଡ଼ିଶା ନୁହେଁ ଆଜି ବିଶ୍ୱ ଦରବାରରେ ପରିଚିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ରାମ ନାରାୟଣ ରାଉତ ଏବଂ ଓଡ଼ିଆ ବିଭାଗ ଅଧ୍ୟାପକ ବୈକୁଣ୍ଠନାଥ ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଦୀପ୍ତି ରଞ୍ଜନ ମହାଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ରୀ ଜ୍ୟୋତିର୍ମୟୀ ମହାଲିକ ଧନ୍ୟବାଦ ଦେଇଥିଲେ।

# ଲୋକମାନଙ୍କ ନିକଟତର ହେବାକୁ ଆହ୍ୱାନ



ଭୁବନ,୨୮।୧(ବିପିନ ବିହାରୀ ସେଠୀ)/ କାମାକ୍ଷାନଗର (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା ଭୁବନ ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ ପ୍ରଶିକ୍ଷଣ ଶିବିର ରବିବାର ସ୍ଥାନୀୟ ବିଷ୍ଣୁପ୍ରିୟା ଗାଲାକ୍ସିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଜନହିତକର ଯୋଜନାକୁ ଲୋକମାନଙ୍କ ନିକଟତର କରାଇବା ସହିତ ଘରେ ଘରେ ଶଙ୍ଖ ପ୍ରଶିକ୍ଷଣକୁ ଲୋକାଭିମୁଖୀ କରିବା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଉପନଗରପାଳିକା ମାନିନୀ ସାହୁ, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଭୁବନ ବ୍ଲକ ବିଜୁ ଜନତାଦଳ ସଭାପତି ରମେଶ ଚନ୍ଦ୍ର ସାହୁ ଓ ଏନ୍‌ଏସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁଙ୍କ ସମେତ ବିଜୁ ଜନତାଦଳର ସମସ୍ତ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ପଞ୍ଚାୟତର କର୍ମକର୍ତ୍ତା ଓ ଏନଏସିର ୧୫ଟି ୱାର୍ଡର ଶତାଧିକ କର୍ମୀ ଯୋଗଦେଇଥିଲେ। ସେହିପରି କାମାକ୍ଷାନଗର ବିଜୁ ଜନତା ଦଳ ପକ୍ଷରୁ ଦଳୀୟ କାର୍ଯ୍ୟାଳୟ ପରିସରେ ଘରେ ଘରେ ଶଙ୍ଖ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ତ୍ତ ବିଭାଗ ମନ୍ତ୍ରୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବ୍ଲକ ବିଜୁ ଜନତା ଦଳ ସଭାପତି ପ୍ରଭାସ ମିଶ୍ର ଓ ଏନ୍‌ଏସି ବିଜେଡି ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟଙ୍କ ସମେତ ବିଜୁ ଜନତାଦଳର ସମସ୍ତ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ସମସ୍ତ ପଞ୍ଚାୟତର କର୍ମକର୍ତ୍ତା ଓ ଏନଏସିର ୧୫ଟି ୱାର୍ଡର ଶତାଧିକ କର୍ମୀ ଯୋଗଦେଇଥିଲେ।

